R.N.I. REGN. No. 65000/96 POSTAL REGN. No. OR/BN-32/12-14

ଷଡବିଂଶ ବର୍ଷ
ସଂଖ୍ୟା : ୩୩୪
ତିଥି : ଦଶମୀ
୦୬ ସେପ୍ଟେମ୍ବର ୨୦୨୨, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ 25

ପ୍ରତିଷ୍ଠାତା – ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 334
06 Sept 2022, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ବିବିଏ.ଏଲ୍ଏଲ୍ବି ଓ ଏଲ୍ଏଲ୍ଏମ୍ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର (ସବ୍ୟୁ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ), ଭୁବନେଶ୍ୱର ପକ୍ଷରୁ ବିବିଏ, ଏଲ୍ଏଲ୍ବି (ଅନର୍ସ)-୨୦୨୨- ୨୭ ବ୍ୟାଚ୍ ଏବଂ ଏଲ୍ଏଲ୍ଏମ୍-୨୦୨୨-୨୩ ବ୍ୟାଚ୍ର ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର ସେମିନାର ହଲ୍ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ. ଏସ୍ ନାଇଡୁ ଆଇନ ଶିକ୍ଷାର ଗୁରୁତ୍ୱ ଏବଂ ଆଇନ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ପାଠ୍ୟକ୍ରମର ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ସେ ଦେଶର ସମ୍ବିଧାନର ସୃଜନଶୀଳ ବ୍ୟାଖ୍ୟା ଏବଂ ସମାଜର ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନ୍ୟାୟପାଳିକାର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। ନ୍ୟାଶନାଲ ଲ ୟୁନିଭର୍ସିଟି ଅଫ୍ ଓଡ଼ିଶାର କୁଳପତି ପ୍ରଫେସର ବେଦ କୁମାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପ୍ରଶ୍ନ ପଚାରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶ୍ନ ପଚାରିବା ମଧ୍ୟ ଆଇନ ପାଠ୍ୟକ୍ରମର ମୂଳଦୁଆ ଓ ପ୍ରଶ୍ନ ପଚାରିବାର କଳା ଦ୍ୱାରା ଜଣେ ଆଇନଗତ ବୃତ୍ତିରେ ସଫଳ ହୋଇପାରିବ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ବିଜିୟୁର କୁଳପତି ପ୍ରଫେସର ପି.ପି. ମାଥୁର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ଅନ୍ୟାନ୍ୟ କ୍ଷେତ୍ର ସହ ଆଇନ ଶିକ୍ଷାର ସମ୍ପର୍କ ବିଷୟରେ ବୁଝାଇ କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ଡଃ ଡି.କେ ଦାସ ଆଇନ ବିଦ୍ୟାଳୟର ବୃଦ୍ଧି ପାଉଥିବା ବିକାଶ ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଫ୍ ଲର ଡିନ୍ ପ୍ରଫେସର ଏଲ୍. କେ. ବେଦ୍ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଇଶାନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।